# NATIONAL NEWS BULLETIN (ODIA)

**11 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୋମନାଥ ମନ୍ଦିର ହେଉଛି ବିଶ୍ୱାସ, ଭକ୍ତି ଓ ଅନ୍ତରାତ୍ମାର ନିଦର୍ଶନ - କହିଲେ ପ୍ରଧାନମନ୍ତ୍ରୀ ।

\- ମହାଦେବଙ୍କ ପୂଜାର୍ଚ୍ଚନା ଓ କୁମ୍ଭାଭିଷେକ କଲେ ଶ୍ରୀ ମୋଦୀ ।

- ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହେବ ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଆଇନ୍ ଭୀବି-ରାମ୍‌ଜୀ ।

\- କେନ୍ଦ୍ର ସରକାର ଜାରି କଲେ ବିଜ୍ଞପ୍ତି ।

- ଦେଶକୁ ସୁଦୃଢ଼ କରିବା ଲାଗି ୭ ସୂତ୍ରୀ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ପୋଖରାନ ପରମାଣୁ ପରୀକ୍ଷଣର ସ୍ମୃତି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ପଞ୍ଜାବ କିଙ୍ଗ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

---

# ପିଏମ୍‌-ସୋମନାଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସୋମନାଥ ମନ୍ଦିର ଅତୁଟ ବିଶ୍ୱାସ, ଭକ୍ତି ଏବଂ ଦେଶର ଅନ୍ତରାତ୍ମାର ନିଦର୍ଶନ ହୋଇ ରହିଛି । ଆଜି ଦେଶର ପ୍ରଥମ ଜ୍ୟୋର୍ତିଲିଙ୍ଗ ସୋମନାଥ ମହାଦେବ ମନ୍ଦିରର ପୁନଃନିର୍ମାଣର ୭୫ବର୍ଷ ପାଳନ ଅବସରରେ ସୋମନାଥ ଅମୃତ ପର୍ବ ୨୦୨୬ରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି ସୋମନାଥର ଭବ୍ୟ ଏବଂ ପବିତ୍ର ପରିବେଶ ମଧ୍ୟରେ ମହାଦେବଙ୍କ ପୂଜାର୍ଚ୍ଚନା ଏବଂ କୁମ୍ଭାଭିଷେକ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ସୋମନାଥ ମନ୍ଦିର ଇତିହାସରେ ପ୍ରଥମଥରପାଇଁ ୧୧ଟି ତୀର୍ଥସ୍ଥଳୀରୁ ପବିତ୍ର ଜଳ ସଂଗ୍ରହ କରାଯାଇ ଜଳାଭିଷେକ କରାଯାଇଥିଲା । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଏକ ପତାକା ଉତ୍ତୋଳନ ଉତ୍ସବରେ ଯୋଗ ଦେଇଥିଲେ ।

**V/O (PM-Religious Places)**

ଅମୃତ ପର୍ବ ଅବସରରେ ଭାରତୀୟ ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ, ଏରୋବାଟିକ୍ସ ଟିମ୍ ପକ୍ଷରୁ ବିଭିନ୍ନ ପ୍ରଦର୍ଶନ କରାଯାଇଥିବାବେଳେ ହେଲିକପ୍ଟର ସାହାଯ୍ୟରେ ସୋମାନଥ ମନ୍ଦିର ଉପରେ ପୁଷ୍ପବୃଷ୍ଟି କରାଯାଇଥିଲା । ସୋମନାଥ ଅମୃତପର୍ବ ସମ୍ପର୍କିତ ଏକ ବିଶେଷ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବୁଲି ଦେଖିଥିଲେ । ଏହାପୂର୍ବରୁ ଶ୍ରୀ ମୋଦୀ ଏକ ରୋଡ ଶୋ'ରେ ହମିରଜୀ ଗୋହିଲ ସର୍କଲ ପର୍ଯ୍ୟନ୍ତ ଯାଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ସେଣ୍ଟର – ଭିବିଜି ରାମ୍

କେନ୍ଦ୍ର ସରକାର ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଆଇନ୍ ୨୦୨୫କୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଚଳିତବର୍ଷ ଜୁଲାଇ ୧ ତାରିଖରୁ ଦେଶରେ ଏହି ଆଇନ୍ କାର୍ଯ୍ୟ କରିବ । କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଭିବିଜୀ ରାମ ଯୋଜନାରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର କାମ ଯୋଗାଇ ଦିଆଯିବ । ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ଭିବିଜୀ ରାମ୍ ଜୀ ଯୋଜନା ୨୦ବର୍ଷ ପୁରୁଣା ୨୦୦୫ ମସିହାର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି । ନୂଆ ଆଇନ୍‌ରେ ୧୦୦ ଦିନ ବଦଳରେ ଗୋଟିଏ ଆର୍ଥିକ ବର୍ଷରେ ୧୨୫ ଦିନର କର୍ମସଂସ୍ଥାନ ଯୋଗାଇବା ବ୍ୟବସ୍ଥା ରହିଛି । ଗ୍ରାମୀଣ ବିକାଶ ସହ ଗ୍ରାମୀଣ ପରିବାରଗୁଡ଼ିକୁ ସଶକ୍ତ କରିବା ଓ ଆୟ ସୁରକ୍ଷା ଭଳି ବ୍ୟବସ୍ଥା ନୂଆ ଆଇନ୍‌ରେ ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ଦିଆଯିବାର ବ୍ୟବସ୍ଥା କରାଯାଇଛି । ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ନୂଆ ଆଇନ୍ ପ୍ରଣିତ କରାଯାଇଥିବା କୁହାଯାଇଛି । ମହିଳା ଯୋଗଦାନ ନିଶ୍ଚିତ କରିବା ଲାଗି କାର୍ଯ୍ୟସ୍ଥଳୀରେ ଶିଶୁ ଯତ୍ନ ବ୍ୟବସ୍ଥା କରାଯାଇଛି । କର୍ମସ୍ଥଳୀରେ ଯଦି

୫ବର୍ଷ ବୟସରୁ ଅଧିକ ୫ରୁ ଅଧିକ ଶିଶୁ ଥିବେ ସେଠାରେ ଜଣେ ମହିଳାଙ୍କୁ ସେମାନଙ୍କ ଯତ୍ନ ନେବାଲାଗି ନିଯୁକ୍ତ କରାଯିବାକୁ ନୂଆ ଆଇନ୍‌ରେ ବ୍ୟବସ୍ଥା ରହିଛି ।

## ଚନ୍ଦ୍ରନାଥ ମର୍ଡର ଏସ୍ଆଇଟି

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କ ହତ୍ୟା ଘଟଣାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ୩ଜଣଙ୍କୁ ଗିରଫ କରିଛି । ଉତ୍ତରପ୍ରଦେଶରୁ ସଂପୃକ୍ତ ୩ଜଣ ଅଧିକାରୀଙ୍କୁ ଠାବ କରାଯାଇଥିବା ଜଣାପଡିଛି । ସେହି ୩ଜଣ ସାର୍ପ ସୁଟର ବୋଲି କୁହାଯାଉଥିବାବେଳେ ପୋଲିସ ସେମାନଙ୍କୁ ପଚରାଉଚରା ଜାରି ରଖିଛି ।

## ପିଏମ୍ ନେସନ ୭ ଅପିଲ

ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଙ୍କଟମୟ ପରିସ୍ଥିତି ମଧ୍ୟରେ ଦେଶଙ୍କୁ ସୁଦୃଢ଼ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ହାଇଦ୍ରାବାଦରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ ଦେଶବାସୀଙ୍କୁ ୭ଟି ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଇନ୍ଧନର ବ୍ୟବହାର ହ୍ରାସ କରି ସାର୍ବଜନୀନ ପରିବହନ ସେବା ବ୍ୟବହାର କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଫଳରେ ଆମଦାନୀ ହେଉଥିବା ତୈଳର କମ୍ ଉପଯୋଗ ହେବ ଏବଂ ବୈଦେଶିକ ମୁଦ୍ରା ବିନିମୟ ପାଣ୍ଠି ସଂରକ୍ଷିତ ରହିପାରିବ । ପଶ୍ଚିମ ଏସିଆ ସଙ୍କଟ ଓ ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ପରିପ୍ରେକ୍ଷୀରେ ବ୍ୟାରେଲ ପିଛା ଅଶୋଧିତ ତୈଳ

ଦର ୧୦୦ ଡଲାରରୁ ଅଧିକ ରହିଥିବା ସମୟରେ ପ୍ରଧାନମନ୍ତ୍ରୀ ଏହି ଆହ୍ୱାନ ଦେଇଛନ୍ତି ।

**V/O (PM Foregn Exchange)**

ଅନ୍ୟଏକ ଆହ୍ୱାନ ପୂର୍ବକ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଗୋଟିଏ ବର୍ଷ ପାଇଁ ବିଦେଶ ଗସ୍ତ ସମ୍ପର୍କରେ ଆଉଥରେ ଚିନ୍ତା କରିବା ଲାଗି କହିଛନ୍ତି । ଦେଶବାସୀଙ୍କୁ ବିଦେଶରେ ବିବାହ କ୍ଷେତ୍ରରେ ଖର୍ଚ୍ଚ ଓ ଅତ୍ୟଧିକ ସୁନା କ୍ରୟ ନ କରିବା ପାଇଁ ମଧ୍ୟ ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଖାଇବା ତେଲ କମ୍ ବ୍ୟବହାର କରିବା ଏବଂ କୃଷକମାନଙ୍କୁ ବିଦେଶରୁ ଆମଦାନୀ କରାଯାଉଥିବା ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ଅନୁରୋଧ କରିଛନ୍ତି । ସ୍ଥାନୀୟ ଉତ୍ପାଦକୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଆତ୍ମନିର୍ଭରଶୀଳ ହେବା ପାଇଁ କହିଛନ୍ତି ।

## ଏଚ୍‌ପି-ଆକ୍ସିଡେଣ୍ଟ

ହିମାଚଳ ପ୍ରଦେଶ ଚମ୍ବା ଜିଲ୍ଲାର ଭଟିଆତ ସବ୍‌ଡିଭିଜନ ଅନ୍ତର୍ଗତ କାକିରା-ଲାହୁରୁ ରାସ୍ତାରେ ଦୁର୍ଘଟଣାରେ ୬ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୪ଜଣ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି । ସେମାନେ ଯାଉଥିବା କାର୍‌ଟି ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଆହତମାନଙ୍କୁ ସେଠାକାର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ମୃତକମାନଙ୍କ ମଧ୍ୟରୁ ୫ଜଣ ଗୁଜୁରାଟର ଅଧିବାସୀ ହୋଇଥିବାବେଳେ ଚାଳକଜଣକ ମଣ୍ଡି ଜିଲ୍ଲାର ବୋଲି ଜଣାପଡିଛି ।

## ନ୍ୟାସନାଲ ଟେକ୍ନୋଲୋଜି ଡେ

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆଜି ପାଳନ କରାଯାଉଛି । ୧୯୯୮ ମସିହାରେ ଆଜିର ଦିନରେ ରାଜସ୍ଥାନର ପୋଖରାନଠାରେ ଭାରତ’ ସଫଳତାର ସହ ପରମାଣୁ ବୋମାର ପରୀକ୍ଷଣ କରିଥିଲା । ଏହି ଦିବସର ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ମେ’ ୧୧ ତାରିଖକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ଦିବସ ପାଳନ ଅବସରରେ ବୈଜ୍ଞାନିକ, ବୈଷୟିକ ବିଶେଷଜ୍ଞ, ଉଦ୍ଭାବକଙ୍କର ଅଦମ୍ୟ ଚେଷ୍ଟା ଏବଂ ପରିଶ୍ରମକୁ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଭାରତର ପ୍ରଥମ ଇଣ୍ଡିଜିନିୟସ୍ ଏୟାରକ୍ରାଫ୍ଟ ‘ହଂସ-୩’କୁ ମଧ୍ୟ ସେହିଦିନ କାର୍ଯ୍ୟକ୍ଷମ କରାଯାଇଥିଲା । ଦେଶରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଉନ୍ନତି ଏବଂ ଏଥିରେ ଯୁବବର୍ଗଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସାମାଜିକ ପରିବର୍ତ୍ତନ ଏବଂ ପରିବର୍ତ୍ତିତ ଜୀବନଶୈଳୀକୁ ଦୃଷ୍ଟିରେ ରଖି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉନ୍ନତି ନେଇ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଆଜିର ଦିବସର ବାର୍ତ୍ତା ରହିଛି ‘ସମାବେଶୀ ବିକାଶ ପାଇଁ ଦାୟିତ୍ୱପୂର୍ଣ୍ଣ ନବସୃଜନ’ ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ବୈଜ୍ଞାନିକ, ଇଞ୍ଜିନିୟର, ନବସୃଜନକାରୀ ଏବଂ ଗବେଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ଆତ୍ମନିର୍ଭର ତଥା ରଣନୈତିକ ସୁଦୃଢ଼ତା

କ୍ଷେତ୍ରରେ ଦେଶର ବିକାଶ ଯାତ୍ରାରେ ପ୍ରଯୁକ୍ତିମିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଆଜିର ଦିନରେ ୧୯୯୮ ମସିହାରେ ବୈଜ୍ଞାନିକ ମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ପୋଖରାନ ପରୀକ୍ଷଣ ସଫଳ ହୋଇପାରିଥିଲା । ଦେଶର ସାମଗ୍ରିକ ବିକାଶ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଏବଂ ଏହା ଦେଶକୁ ଆତ୍ମନିର୍ଭରଶୀଳ କରି ନବସୃଜନ କ୍ଷେତ୍ରରେ ନୂତନତ୍ୱ ଆଣିଛି ବୋଲି କହିଛନ୍ତି । ସରକାର ଗବେଷଣାକୁ ଉତ୍ସାହିତ କରି ରାଷ୍ଟ୍ରୀୟ ବିକାଶ ଏବଂ ନାଗରିକମାନଙ୍କ ଆକାଂକ୍ଷା ପୂରଣ ଦିଗରେ ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ସରକାର ବିଭିନ୍ନ ପରିବର୍ତ୍ତିତ ପଦକ୍ଷେପ ମାଧ୍ୟମରେ ଦେଶର ବିକାଶ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କ୍ଷେତ୍ରକୁ ବୃଦ୍ଧି କରିଛନ୍ତି । ଦେଶର ଯାତ୍ରାରେ ପ୍ରଯୁକ୍ତିବିଦ୍ୟା ସମସ୍ତଙ୍କୁ ପ୍ରେରଣା ଯୋଗାଉ ବୋଲି ଶ୍ରୀ ଶାହା ଆଶାପୋଷଣ କରିଛନ୍ତି ।

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଦେଶର ବୈଜ୍ଞାନିକ ନବସୃଜନ ଓ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଦୃଷ୍ଟିପାତ କରି ପୋଖରାନ ପରମାଣୁ ପରୀକ୍ଷଣର ସଫଳତା ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଅଭୂତପୂର୍ବ ବିକାଶ ଘଟିଛି ଏବଂ ଦ୍ରୁତ ନବସୃଜନକୁ ଗତି ମିଳିପାରିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗ୍ସ ୫ ୱିକେଟ୍‌ରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨ ୱିକେଟ୍‌ରେ ପରାସ୍ତ କରିଛି।